## ସଂକ୍ଷେପରେ

### ଆର୍ଥିକ ଅନଟନ: କ୍ରୀଡ଼ାବିତ୍‌ଙ୍କ ଆତ୍ମହତ୍ୟା



ଡେରାବିଶ,୧୦।୭ (ସ୍ୱ.ପ୍ର.): ଡେରାବିଶ ଥାନା ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ଗାଁର ଯୁବ ବ୍ୟବସାୟୀ ତଥା କ୍ରୀଡ଼ାବିତ୍ ପ୍ରମୋଦ କୁମାର ଓଝା (୩୮) ଶନିବାର ଆତ୍ମହତ୍ୟା କରିଛନ୍ତି। ପ୍ରମୋଦଙ୍କ ମୃତଦେହକୁ ପୋଲିସ ଜବତ କରି (୫/୨୧) ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ପ୍ରମୋଦ ଡେରାବିଶ କ୍ରିକେଟ କ୍ଲବର ଜଣେ ସକ୍ରିୟ ସଦସ୍ୟ ରହିଥିଲେ। ଜଣେ ଭଲ କ୍ରିକେଟ ଓ ଫୁଟବଲ ଖେଳାଳି ଭାବେ ବ୍ଲକ ଅଞ୍ଚଳରେ ପରିଚିତ ଥିଲେ। ଏଥିସହ ପ୍ରମୋଦ ଡେରାବିଶ ଫାଣ୍ଡି ବଜାରରେ ଏକ ଲେଡିଜ କର୍ଣ୍ଣର କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ମାତ୍ର କରୋନା କଟକଣା ପାଇଁ ବର୍ଷାଧିକ କାଳ ହେବ ତାଙ୍କ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇ ଆସୁଥିଲା। ଫଳରେ ପ୍ରମୋଦ ମାନସିକ ଦୁଶ୍ଚିନ୍ତା ମଧ ଦେଇ ଗତି କରି ଆସୁଥିଲେ। ଆର୍ଥିକ ଅନଟନ ପାଇଁ ବିଭିନ୍ନ ସମୟରେ ପ୍ରମୋଦଙ୍କ ପରିବାରରେ ବିବାଦ ଦେଖାଯାଉଥିଲା। ତେବେ ଶୁକ୍ରବାର ସକାଳୁ ଏକ ବନ୍ଦ କୋଠରି ମଧ୍ୟରେ ପ୍ରମୋଦଙ୍କ ମୃତଦେହ ରଶିରେ ଝୁଲୁଥିବା ଅବସ୍ଥାରେ ଦେଖି ପରିବାର ସଦସ୍ୟ ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ପହଞ୍ଚି ପ୍ରମୋଦଙ୍କ ମୃତଦେହକୁ ଜବତ କରିଥିଲା। ତାଙ୍କର ଏପରି ଅକାଳ ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପ୍ରମୋଦଙ୍କ ବିୟୋଗରେ ଡେରାବିଶ କ୍ରିକେଟ କ୍ଲବର ସମସ୍ତ ସଦସ୍ୟଙ୍କ ସମେତ ଅଞ୍ଚଳର ସମସ୍ତ କ୍ରୀଡ଼ାବିତ, ଶିକ୍ଷାବିତ୍, ବ୍ୟବସାୟୀ ଓ ବୁଦ୍ଧିଜୀବୀମାନେ ଶୋକବ୍ୟକ୍ତ କରିଛନ୍ତି।

### ଡେରାବିଶରେ ୧୦ ଦିନରେ ୧୬୩ କରୋନା ଆକ୍ରାନ୍ତ

ଡେରାବିଶ,୧୦।୭(ସ୍ୱ.ପ୍ର.): ମହାମାରୀ କରୋନାର ଦ୍ୱିତୀୟ ଲହର ଥମିବାର ନାଁ ଧରୁ ନ ଥିବାବେଳେ ଡେରାବିଶ ବ୍ଲକ ଅଞ୍ଚଳରେ ଏହାର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ଜୁଲାଇର ପ୍ରଥମ ୧୦ ଦିନରେ ସମୁଦାୟ ୧୬୩ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଜୁଲାଇରେ ଲକ୍‌ଡାଉନ୍ କୋହଳ କରାଯାଇଥିବା ବେଳେ ଶନିବାର, ରବିବାରକୁ ଛାଡ଼ି ଦେଲେ ଅନ୍ୟ ଦିନରେ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବାକୁ ସରକାରୀ ନିର୍ଦ୍ଦେଶନାମା ରହିଛି। ମାତ୍ର ଏହି ସମୟ ମଧ୍ୟରେ ବ୍ଲକ ଅଧୀନ ବିଭିନ୍ନ ବଜାରରେ ସାଧାରଣ ଲୋକଙ୍କ ଗହଳି, ସାମାଜିକ ଦୂରତାକୁ ଫୁ କରିଥିବା ଦେଖିବାକୁ ମିଳିଛି। ସେହିପରି ଅମାନିଆମାନେ ସାଧାରଣ ଦିନ ଭଳି ମୁହଁରେ ମାସ୍କ ନ ପିନ୍ଧି ରାସ୍ତାଘାଟରେ ବୁଲୁଥିବାରୁ ବ୍ଲକ ଅଞ୍ଚଳରେ ସଂକ୍ରମଣ କମିବାର ନାଁ ଧରୁନାହିଁ।

# ପ୍ରାଣୀଧନ ସଂଖ୍ୟା ହ୍ରାସ ପାଉଛି

କେନ୍ଦ୍ରାପଡ଼ା ଅଫିସ, ୧୦।୭

- ଅର୍ଥନୀତି, ପରିବେଶ ଉପରେ ପ୍ରଭାବ
- ଜବରଦଖଲକାରୀଙ୍କ କବ୍ଜାରେ ଗୋଚର ଜମି
- ପ୍ରାଣୀଧନ ଚିକିତ୍ସାଳୟ ଖୋଲିବାରେ ଅନିୟମିତତା

ପ୍ରାଣୀଧନ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ କୃଷି ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ସହ ଅର୍ଥ ବ୍ୟୟ କରାଯାଉଛି। କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳୁନାହିଁ। ଗୋଚର ଜମି ଜବରଦଖଲକାରୀଙ୍କ ନିକଟକୁ ଚାଲି ଯାଉଛି। ପ୍ରାଣୀଧନ ଚିକିତ୍ସାଳୟରେ ପ୍ରାଣୀଙ୍କ ଚିକିତ୍ସାରେ ଅବହେଳା କରାଯାଉଛି; ଯାହା ଜିଲାର ଅର୍ଥନୀତି ଓ ପରିବେଶ ଉପରେ ପ୍ରଭାବ ପକାଉଛି ବୋଲି ବୁଦ୍ଧିଜୀବୀ ଓ ଚାଷୀ ମତ ଦେଉଛନ୍ତି। ୨୦୦୦ର ଗୃହପାଳିତ ପ୍ରାଣୀ ଓ ପକ୍ଷୀଙ୍କ ତଥ୍ୟ ଅନୁଯାୟୀ, ଜିଲାରେ ୯,୨୪,୩୧୭ ଗୋମହିଷାଦି, ୧,୨୪,୫୯୦ ଛେଳି, ୩୮,୮୮୬ ମେଣ୍ଢା ଓ ୧,୩୮,୫୦୦ କୁକୁଡ଼ା ବତକ ଥିବାବେଳେ ୨୦୧୨ରେ ୩,୬୫,୮୯୦ ଗୋମହିଷାଦି, ୧,୦୭,୮୨୯ ଛେଳି, ୧୪,୮୮୫ ମେଣ୍ଢା ଓ ୧,୩୦,୮୨୯ କୁକୁଡ଼ା ବତକ ଥିଲେ। ତେବେ ସଦ୍ୟ ତଥ୍ୟ ଅନୁଯାୟୀ ୧୨ ପ୍ରତିଶତରୁ ଅଧିକ ପ୍ରାଣୀ ସଂଖ୍ୟା ହ୍ରାସ ପାଇଛି। ଜିଲାର ୩,୨୧,୯୩୪ ପରିବାର ମଧ୍ୟରୁ ଗ୍ରାମାଞ୍ଚଳରେ ରହୁଥିବା ୩,୦୫,୮୬୮ ପରିବାର ପାଇଁ ଗୃହପାଳିତ ପ୍ରାଣୀ ରୋଜଗାରର ମୁଖ୍ୟ ବିକଳ୍ପ ଜୀବିକା। ଏହି ପରିବାର ପ୍ରାଣୀଧନ ଦ୍ୱାରା ନିଜର ଆର୍ଥିକ ଆବଶ୍ୟକତା କିଛିମାତ୍ରାରେ ପୂରଣ କରିଥାନ୍ତି। ସେହିପରି ପ୍ରାଣୀଧନର ମଳମୂତ୍ର ବ୍ୟବହାର କରି ଚାଷୀ କ୍ଷେତକୁ ଉର୍ବର କରିବା ସହ କୀଟନାଶକ ଭାବେ ବ୍ୟବହାର କରିଥାନ୍ତି। ଫଳରେ ପରିବେଶର ସନ୍ତୁଳନ ରକ୍ଷା ପାଇଥାଏ। ତେବେ ୧୯୯୯ ମହାବାତ୍ୟା ପ୍ରାଣୀଧନ ଉପରେ ବିପରି ଭାବେ ଉଭା ହୋଇଥିଲା। ଏହାପରଠାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମ ସତ୍ତ୍ୱେ ପ୍ରାଣୀଧନ ହ୍ରାସ ପ୍ରତି ବିଭାଗୀୟ ଅଧିକାରୀ ଅଧିକ ନଜର ଦେଉନାହାନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ସୁନୀଲ କୁମାର ଗଡ଼ନାୟକ କୁହନ୍ତି, କେନ୍ଦ୍ରାପଡ଼ାର କୁଜି ମେଣ୍ଢାକୁ ସ୍ୱତନ୍ତ୍ର ମାନ୍ୟତା ୨୦୧୬ରେ ମିଳିଛି। ଏହି ମେଣ୍ଢାର ପ୍ରଜନନ କ୍ଷମତା ଅଧିକ। ଏହାକୁ ପାଳନ ଦ୍ୱାରା ଚାଷୀଙ୍କୁ ଅଳ୍ପ ଅବଧି ମଧ୍ୟରେ ଅଧିକ ଲାଭ ମିଳିଥାଏ। ତେବେ ଏହି ଧରଣର ମେଣ୍ଢା ପାଇଁ କୌଣସି ପ୍ରୋତ୍ସାହନ ନାହିଁ। ସେହିପରି କୁକୁଡ଼ା, ବତକ ଚାଷ ପାଇଁ ଜିଲାରେ ଉପଯୁକ୍ତ ପରିବେଶ ଅଛି। ତେବେ ତାଲିମ, ପ୍ରୋତ୍ସାହନ, ସଚେତନତା ଆଦି ନାହିଁ। କୃଷି ଭିତ୍ତିକ ଏହି ଜିଲାରେ ଗୋମହିଷାଦିଙ୍କ ଗୁରୁତ୍ୱ ଅଧିକ। ଫସଲଠାରୁ ଦୁଗ୍ଧଜାତ ପଦାର୍ଥ ଉତ୍ପାଦନ କ୍ଷେତ୍ରରେ ଏମାନଙ୍କ ଭୂମିକା ଅତୁଳନୀୟ। ତେବେ ଦୁଗ୍ଧଜାତ ପଦାର୍ଥ ବାହାର ଜିଲାରୁ ଏଠାକୁ ଆସୁଥିବା ବେଳେ ଚାରଣ ଭୂମି ଏବେ ଜବରଦଖଲକାରୀଙ୍କ ହାତକୁ ଚାଲିଯାଉଛି। ଏସବୁ ବିଭିନ୍ନ ବ୍ୟତିକ୍ରମ ଫଳରେ ପ୍ରାଣୀଧନଙ୍କ ସଂଖ୍ୟା ହ୍ରାସ ହେଉଥିବା ସେ ମତ ରଖିଛନ୍ତି। ଡେରାବିଶର ମନୋଜ ନାୟକ କହିଛନ୍ତି, ଓଡ଼ିଆ ସଂସ୍କୃତିରେ ଗୃହ ପାଳିତ ପ୍ରାଣୀ ଓ ପକ୍ଷୀଙ୍କୁ ଆର୍ଥିକ ବିକାଶ ସହିତ ପରିବେଶ ସୁରକ୍ଷା ସହ ଯୋଡ଼ା ଯାଉଥିଲା। ଜିଲାରେ ପ୍ରାଣୀଧନ ଏବେ ପରିବାରର ଭରଣପୋଷଣ ଓ ଚାଲି ଚଳଣ ପାଇଁ ଉପଯୋଗୀ ହୋଇ ରହିନାହିଁ। ପ୍ରାୟ ୧ ହଜାର ହେକ୍ଟର ଗୋଚର ଜମି ଜବରଦଖଲକାରୀ ମାଡ଼ି ବସିଛନ୍ତି। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଉଦ୍ଧାର ହେଉ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ କୁହନ୍ତି, ଜିଲାର ପ୍ରତି ବ୍ଲକ ହେଡ୍‌କ୍ୱାର୍ଟର୍ସ ସମେତ ମୋଟ ୧୪ଟି ପ୍ରାଣୀଧନ ଚିକିତ୍ସାଳୟ ଅଛି। ସେହିପରି ବିଭିନ୍ନ ପଞ୍ଚାୟତରେ ୯୬ଟି ଏଲ୍‌ଆଇ ସେଣ୍ଟର ଅଛି। ତେବେ ଏଗୁଡ଼ିକ ନିୟମିତ ଖୋଲୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରସନ୍ନ ପଟ୍ଟନାୟକ କହିଛନ୍ତି, ପ୍ରାଣୀଧନ ବିକାଶ ପାଇଁ ବିଭାଗ କାର୍ଯ୍ୟ କରୁଛି। ଜିଲାରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ ପ୍ରାଣୀଧନ ସଂଖ୍ୟା କମୁଛି।

# ନାଉବାଙ୍କ-ଗହିରାପାଳ ନଦୀବନ୍ଧ ରାସ୍ତା ଶୋଚନୀୟ



ନାଉବାଙ୍କ- ଗହିରାପାଳ ରାସ୍ତାରୁ ପିଚୁ ଉଠି ଯାଇଛି।

ରାଜକନିକା,୧୦।୭(ଡି.ଏନ.ଏ.)

ଯାଜପୁର ଜଳସମ୍ପଦ ଡିଭିଜନର ନାଉବାଙ୍କ-ଗହିରାପାଳ ବେଙ୍ଗା ନଦୀ ରାସ୍ତାର ବଡହଲପଡ଼ା ନିକଟରେ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ସମ୍ପୃକ୍ତ ବିଭାଗର ଅବହେଳାରୁ ପିଚୁ ଉଠିଯାଇ ବନ୍ଧ ତଳକୁ ଗଳି ପଡ଼ିଛି। ମେଟାଲ, ମୋରମ ଉଠିଯାଇ ରାସ୍ତାରେ ବିକ୍ଷିପ୍ତ ଭାବେ ପଡ଼ିଛି। ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। ଅପରପକ୍ଷରେ ବନ୍ଧ ଯୋଗୁ ବହୁ ଲୋକଙ୍କର ଜମିବାଡି ଯାଇଥିଲେ ମଧ୍ୟ ସେମାନଙ୍କୁ ଏଯାବତ କ୍ଷତିପୂରଣ ମିଳୁନାହିଁ। ଏ ସମ୍ପର୍କରେ କନିକା ତହସିଲଦାରଙ୍କୁ କ୍ଷତି ପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏହି ରାସ୍ତା ପାଖରେ ହୋଇଥିବା ପଥର ପ୍ୟାକିଂ ତଳକୁ ଖସିପଡ଼ିଛି। ସେହିପରି ଏହି ପଥର ପ୍ୟାକିଂରେ ବିଷଧର ସାପଙ୍କର ଆଶ୍ରୟସ୍ଥଳ ପାଲଟିଛି। ତେଣୁ ଯାଜପୁର ନିର୍ବାହୀଯନ୍ତ୍ରୀ ତୁରନ୍ତ ଦୃଷ୍ଟିଦେବାକୁ ତାଙ୍କ ନିକଟରେ କେନ୍ଦ୍ରାପଡା ଜିଲା ପରିଷଦ ସଭ୍ୟ ଜୟଦେବ ଦାସ, ପଧାନପଡା ପ୍ରାକ୍ତନ ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ବିଜୟ କୁମାର ନାୟକ ପ୍ରମୁଖ ଦାବି କରିଛନ୍ତି।

# ୨ ବର୍ଷ ନ ପୂରୁଣୁ ନଦୀବନ୍ଧ ରାସ୍ତାରୁ ଅତଡ଼ା ଖସୁଛି

- ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ତିଆରି ହୋଇଥିଲା
- ସୂଚନା ଫଳକରେ ତଥ୍ୟ ନାହିଁ
- ବିଭାଗୀୟ ଅଧିକାରୀଙ୍କ ପାଖରେ ସୂଚନା ନାହିଁ

ନାଉଗାଁ,୧୦।୭(ସ୍ୱ.ପ୍ର.)



ପୋକାମୂଳ ଗ୍ରାମସ୍ଥିତ ଦେବୀ ନଦୀବନ୍ଧ ରାସ୍ତାରୁ ଅତଡା ଖସୁଛି।

ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ତିଆରି ହୋଇଥିବା ନଦୀବନ୍ଧ ରାସ୍ତା ୨ ବର୍ଷ ନ ପୂରୁଣୁ ଶୋଚନୀୟ ହୋଇଯାଇଛି। ଏହାର ଉଦାହରଣ ନାଉଗାଁ ବ୍ଲକ ଅନ୍ତର୍ଗତ ବଛାଳୋ ପଞ୍ଚାୟତର ପୋକାମୂଳ ଗାଁରେ ଦେଖିବାକୁ ମିଳିଛି। ଏହି ଗାଁ ଦେବୀ ନଦୀର ଅପରପାର୍ଶ୍ୱରେ ଥିବାରୁ ବନ୍ଧକୁ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାକୁ ନିର୍ମାଣ କରାଯାଇଛି। ମାତ୍ର ରାସ୍ତାର ଅବସ୍ଥା ସମ୍ପର୍କରେ ବିଭାଗୀୟ ଅଧିକାରୀ ଅବଗତ ନାହାନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାର ଦୈର୍ଘ୍ୟ ୫ କିମି ୮୫୦ ମିଟର ହୋଇଥିବା ବେଳେ ଏହାର କିଛିଅଂଶ କଂକ୍ରିଟ ରହିଛି। ତେବେ ନଦୀବନ୍ଧକୁ କରାଯାଇଥିବା ପିଚୁକାର୍ଯ୍ୟ ନିମ୍ନମାନର ହୋଇଛି। ଫଳରେ ରାସ୍ତାରୁ ଅତଡ଼ା ଖସିବାରେ ଲାଗିଛି। ନଦୀପାର୍ଶ୍ୱରେ କେତେକ ସ୍ଥାନରେ ମାଟି ଧସି ରାସ୍ତାର ୨ ପାର୍ଶ୍ୱ ଖାଇଯାଇଛି।

୨୦୧୯-୨୦ ଆର୍ଥିକ ବର୍ଷରେ ଏହି ନଦୀବନ୍ଧ ରାସ୍ତା ନିର୍ମାଣ ହୋଇଥିଲା। ଏହି ବାଟ ଦେଇ ବିଭିନ୍ନ ଯାନବାହନ ଯାତାୟାତ କରୁଛି। ବର୍ଷା ହେଲେ ଅବା ବନ୍ୟା ଆସିଲେ ବନ୍ଧରେ ମାଡ ହୋଇ ରାସ୍ତା ଅବସ୍ଥା ଅଧିକ ବିପଜ୍ଜନକ ହେବାର ଆଶଙ୍କା ରହିଛି ବୋଲି ଗ୍ରାମବାସୀ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ରାସ୍ତା ନିର୍ମାଣ ସମୟରେ ସୂଚନା ଫଳକ ଲଗାଯାଇ ସେଥିରେ କାର୍ଯ୍ୟର ସବିଶେଷ ତଥ୍ୟ, ଆରମ୍ଭ ଓ ଶେଷର ସମୟ, ବ୍ୟୟ ଅଟକଳ, ପ୍ରକଳ୍ପର ନାମ, ତଦାରଖ କରୁଥିବା ବିଭାଗର ନାମ ଆଦି ଦର୍ଶାଇବା ପାଇଁ ସରକାରୀ ନିୟମ ରହିଛି। ମାତ୍ର ଉକ୍ତ ନିୟମକୁ ଉଲ୍ଲଂଘନ କରାଯାଇଛି। ସମ୍ପୃକ୍ତ ଠିକାଦାର କୌଣସି ଆବଶ୍ୟକ ତଥ୍ୟ ପ୍ରଦାନ ନ କରି ନାମକୁ ମାତ୍ର ସୂଚନା ଫଳକ ଲଗାଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ସେଥିରେ କାର୍ଯ୍ୟର କୌଣସି ସୂଚନା ଦିଆଯାଇ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଉକ୍ତ ରାସ୍ତା ମରାମତି କରିବାକୁ ଦାବି ହୋଇଛି।

ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିନୋଦ ତରାଇ କହିଛନ୍ତି, ରାସ୍ତା ରୁ ଅତଡ଼ା ଖସିବା ବିଷୟରେ ଆମ୍ଭେ ଅବଗତ ନ ଥିଲୁ। ଖୁବ୍‌ଶୀଘ୍ର ରାସ୍ତା ମରାମତି କାର୍ଯ୍ୟ କରାଯିବ। ସୂଚନା ଫଳକ ସମ୍ପର୍କରେ ଠିକାଦାରଙ୍କ ସହ କଥା ହୋଇ ଠିକ୍ ଭାବେ ଲଗାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି ତରାଇ କହିଛନ୍ତି।

# ପାରିବାରିକ ସମସ୍ୟା ଯୋଗୁ ଯୁବକଙ୍କ ଆତ୍ମହତ୍ୟା ସନ୍ଦେହ

ଦଶରଥପୁର,୧୦।୭(ଡି.ଏନ.ଏ.)

ପାରିବାରିକ ସମସ୍ୟା ଯୋଗୁ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସେ ହେଲେ ମଙ୍ଗଳପୁର ଥାନା ବିରୁହାଁ ପଞ୍ଚାୟତ ଗଙ୍ଗାଧରପୁର ଗ୍ରାମର ବଳରାମ ଯେନା (୩୪)। ବଳରାମ ୮ବର୍ଷ ପୂର୍ବେ ବିଞ୍ଝାରପୁର ଥାନା ଅରେଇ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ନିକୁଞ୍ଜ ଯେନାଙ୍କ ଝିଅ ଅହଲ୍ୟାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କ ୫ ବର୍ଷର ଝିଅ ଓ ୨ ବର୍ଷର ପୁଅ ରହିଛି। ଆର୍ଥିକ ସମସ୍ୟାକୁ କେନ୍ଦ୍ରକରି ପ୍ରାୟତଃ ବଳରାମ ଓ ଅହଲ୍ୟାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥାଏ। ବଳରାମ ହାଇଦ୍ରାବାଦ ଯାଇ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ତେବେ ଦମ୍ପତିଙ୍କ ମଧ୍ୟରେ ସୃଷ୍ଟି ମନୋମାଳିନ୍ୟକୁ କେନ୍ଦ୍ରକରି ଅହଲ୍ୟା ପୁଅ ଏବଂ ଝିଅଙ୍କୁ ନେଇ ବାପଘରେ ରହୁଥିଲେ। ବଳରାମ ଚଳିତ ମାସ ୯ ତାରିଖ ସକାଳେ ହାଇଦ୍ରାବାଦରୁ ଆସି ଘରେ ପହଞ୍ଚି ଅହଲ୍ୟାଙ୍କୁ ଘରକୁ ଡାକିବାକୁ ବାପା କ୍ଷେତ୍ରବାସୀଙ୍କୁ କହିଥିଲେ। ମାତ୍ର କ୍ଷେତ୍ରବାସୀ ବଳରାମଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିଲେ। ଫଳରେ ବଳରାମ ମାନସିକସ୍ତରରେ ଭାଙ୍ଗିପଡି ରାତ୍ରିରେ ନିଜ ଶୋଇବା ଘର ଭିତର ପଟୁ ବନ୍ଦକରି ଦଉଡି ଲଗାଇ ଦେଇଥିଲେ। ସକାଳ ୮ଟା ପର୍ଯ୍ୟନ୍ତ ବଳରାମ ନ ଉଠିବାରୁ ପରିବାର ଲୋକେ କବାଟ ବାଡାଇ ବଳରାମକୁ ଡାକିଥିଲେ ସୁଦ୍ଧା କବାଟ ଖୋଲି ନ ଥିଲା। ବାଧହୋଇ ପଡୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ବଳରାମଙ୍କୁ ଝୁଲନ୍ତା ଅବସ୍ଥାରୁ ତଳକୁ ଅଣାଯାଇଥିଲା। ମାତ୍ର ସେତେବେଳକୁ ସେ ଆଖିବୁଜି ସାରିଥିଲେ। ଖବର ପାଇ ଥାନା ଏଏସ୍‌ଆଇ ସନ୍ତୋଷ ସିଂ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ଥାନପତି ନିକଟରୁ ୫୪ କୁମ୍ଭୀର ଅଣ୍ଡା ସଂଗ୍ରହ

ରାଜନଗର,୧୦।୭(ଡି.ଏନ୍.ଏ.)

ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳଠାରେ ବଉଳା କୁମ୍ଭୀରମାନଙ୍କ ବଂଶ ବୃଦ୍ଧି ପାଇଁ କୁମ୍ଭୀର ପ୍ରଜନନ କେନ୍ଦ୍ର ରହିଛି। ପ୍ରତିବର୍ଷ ଜାତୀୟ ଉଦ୍ୟାନ ମଧ୍ୟରେ ନଷ୍ଟ ହୋଇ ଯାଇଥିବା କୁମ୍ଭୀର ବସାରୁ ଅଣ୍ଡା ସଂଗ୍ରହ କରାଯାଇ ପ୍ରଜନନ କେନ୍ଦ୍ରରେ ସୁରକ୍ଷିତ ଭାବେ ରଖାଯାଇଥାଏ। ଚଳିତବର୍ଷ ଥାନପତି ନିକଟରୁ ୫୪ଟି କୁମ୍ଭୀର ଅଣ୍ଡା ସଂଗ୍ରହ କରାଯାଇ ପ୍ରଜନନ କେନ୍ଦ୍ରରେ ରଖାଯାଇଛି। ଏହି ଅଣ୍ଡାଗୁଡ଼ିକୁ ଖରଖରି ପତ୍ର ଏବଂ ବିଭିନ୍ନ ପତ୍ରର ଗୁଣ୍ଡରେ ଘୋଡ଼ା ଯାଇଛି। କୁମ୍ଭୀର ଅଣ୍ଡାଗୁଡ଼ିକ ୩୨ରୁ ୩୩ ଡିଗ୍ରୀ ତାପମାତ୍ରାରେ ରଖାଯାଇଛି। ଅଣ୍ଡା ବସାଯିବାର ୭୦ରୁ ୮୦ଦିନ ମଧ୍ୟରେ ଛୁଆ ବାହାରିଥାଏ। କୃତ୍ରିମ ପ୍ରଜନନ କେନ୍ଦ୍ରରେ କୁମ୍ଭୀର ଛୁଆକୁ ୪ ବର୍ଷ ଧରି ଲାଳନପାଳନ କରି ବଡ଼ କରାଯାଏ। ୩ ଫୁଟରୁ ଅଧିକ ଲମ୍ବ ହେଲେ ଏମାନଙ୍କୁ ସୁରକ୍ଷିତ ଭାବେ ନଦୀ ନାଳରେ ଛାଡ଼ି ଦିଆଯାଇଥାଏ। ପ୍ରତିବର୍ଷ ନଷ୍ଟ ହୋଇଯାଇଥିବା କିମ୍ବା ନଷ୍ଟ ହୋଇଯିବାର ସମ୍ଭାବନା ଥିବା କୁମ୍ଭୀରବସା ଠାବ କରି ସେଥିରୁ ଅଣ୍ଡା ସଂଗ୍ରହ କରାଯାଇଥାଏ।

# ଅସହାୟ ପରିବାରକୁ ସହାୟତା



ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ, ପରିବାର ସଦସ୍ୟଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ରାଜନଗର, ୧୦।୭ (ଡି.ଏନ.ଏ.)

ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ବଳଭଦ୍ରପୁର ଗାଁର ଅସହାୟ ପରିବାରକୁ ଶନିବାର ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଏହି ଗାଁର ବ୍ରଜସୁନ୍ଦର ବାରିକ ତାଙ୍କ ପରିବାର ସହ ଭଙ୍ଗା ଘରେ ଥିବା ନେଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହୋଇଥିଲା। ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ, ସରପଞ୍ଚ ପର୍ଶୁରାମ ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ ପ୍ରମୁଖ ବ୍ରଜସୁନ୍ଦରଙ୍କ ଘରେ ପହଞ୍ଚି ସେମାନଙ୍କ ଅଭାବ ଅସୁବିଧା ବୁଝିଥିଲେ। ବ୍ରଜସୁନ୍ଦରଙ୍କ ଦିବ୍ୟାଙ୍ଗ ଝିଅ ରଶ୍ମିତାଙ୍କୁ ବ୍ଲକ ପକ୍ଷରୁ ଏକ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ବ୍ରଜସୁନ୍ଦର ପୂର୍ବରୁ ଇନ୍ଦିରା ଆବାସ ପାଇଥିବାବେଳେ ଭତ୍ତା ଓ ରାଶନ କାର୍ଡ ପାଇଛନ୍ତି। ବାତ୍ୟା ୟାସରେ ତାଙ୍କର ଆଜବେଷ୍ଟସ ଉଡି ଯାଇଥିବାରୁ ଘର ସଜାଡିବା ପାଇଁ ରେଡକ୍ରସ ପାଣ୍ଠିରୁ ତହସିଲଦାର ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି।

# ୧୩୦ ମାମଲା ଫଇସଲା, ୧ କୋଟି ଆଦାୟ

ଜଗତ୍‌ସିଂହପୁର ଅଫିସ, ୧୦।୭

ଜଗତ୍‌ସିଂହପୁର ଜିଲା କୋର୍ଟ ପ୍ରାଙ୍ଗଣରେ କୋଭିଡ୍ କଟକଣାରେ ଚଳିତ ବର୍ଷର ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁର୍ଘଟଣା ଜନିତ କ୍ଷତିପୂରଣ, ଫୌଜଦାରି, ଦେୱାନୀ, ପାରିବାରିକ ଏବଂ ଅନ୍ୟାନ୍ୟ ମାମଲା ସହ ଜଗତ୍‌ସିଂହପୁର ଅଞ୍ଚଳରେ ଥିବା ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ୍ ମକଦ୍ଦମାଗୁଡିକର ଫଇସଲା ହୋଇଥିଲା। ୯୬୬ରୁ ୧୩୦ ମାମଲାର ଫଇସଲା କରାଯାଇ ୧,୦୬,୫୮,୦୧୧ ଟଙ୍କା ଆଦାୟ ହୋଇଥିଲା। ସେହିପରି ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ମକଦ୍ଦମାରେ ୯୬୦ରୁ ୪୮ ମାମଲାର ସମାଧାନ କରାଯିବା ସହ ୬,୫୮,୯୦୦ ଟଙ୍କା ଆଦାୟ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଅଦାଲତରେ ଜିଲା ଓ ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ବିଚାରପତି ଡ. ଜୀବନଜ୍ୟୋତି ରଥ, ଅତିରିକ୍ତ ଜିଲାଜଜ୍ ଇତିଶ୍ରୀ ମାଳବିକା ଭୂୟାଁ, ସିଜେଏମ୍ ପ୍ରିୟରଞ୍ଜନ ମିଶ୍ର, ସଚିବ ସୁନନ୍ଦା ପାଢ଼ୀ, ସବ୍‌ଜଜ୍ ଶଶିରେଖା ମିଶ୍ର, ସବ୍‌ଜଜ୍ (ଏଲ୍‌ଆର୍) ଅଭୟ କୁମାର ଦାସ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଦୀପା ପାତ୍ର, ମହିଳା କୋର୍ଟ ବିଚାରପତି ରଶ୍ମିତା ସାହୁ, ମୁନସିଫ୍ ବିଷ୍ଣୁ ପ୍ରସାଦ ଦେବତା, ଜେଏମ୍‌ଏଫ୍‌ସି ଝିଲିଲିନା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ଘଟଣାଜନିତ ମକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ପିପି ନଳିନୀକାନ୍ତ ମହାରଣା, ଜିପି ସଲିଲ ଘୋଷ, ଆଇନଜୀବୀ ଧୀରେନ୍ଦ୍ରନାଥ ଆଚାର୍ଯ୍ୟ ଓ ସାମାଜିକ କର୍ମୀ ସୁଷମା ପ୍ରଧାନ ସଭ୍ୟ ଭାବେ ମକଦ୍ଦମା ପରିଚାଳନା କରିଥିଲେ।

# ବେଆଇନ ମଦ ବେପାର: ଜଣେ ଗିରଫ

## ମୁଖ୍ୟ ଅଭିଯୁକ୍ତ ଫେରାର

ଜଗତ୍‌ସିଂହପୁର ଅଫିସ, ୧୦।୭

ଜଗତ୍‌ସିଂହପୁର ଜିଲାରେ ବେଆଇନ ମଦ କାରବାର ବୃଦ୍ଧି ପାଉଛି। ଏପରିକି ଅଭିଯୁକ୍ତ ଜାମିନ ପାଇବାପରେ ପୁଣି ମଦ କାରବାର କରୁଛନ୍ତି। ଗତ ୭ ତାରିଖରେ ଜଗତ୍‌ସିଂହପୁର ଥାନା ପୋଲିସ ଡିଅସାହି ହାଟ ନିକଟରେ ଚଢାଉ କରି ଏହି ଥାନା ଅନ୍ତର୍ଗତ ଗୁମୁଟିପୁର ଗାଁର ପୀତବାସ ଚଟୁଆ ଓରଫ ପିଟୁଆ(୪୫)ଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ସେତେବେଳେ ୪୬.୬୬୫ ଲିଟର ମଦ ଜବତ ହୋଇଥିଲା। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ପରେ ସେ ଜାମିନ ପାଇ ପୁଣି ବେଆଇନ ମଦ କାରବାର ଚଳାଇ ଥିଲେ। ଶନିବାର ପୋଲିସ ଖବରପାଇ ଗାଁରେ ଚଢ଼ାଉ କରିଛି। ଏହି ସମୟରେ ପିଟୁଆ ଚଞ୍ଚଳତା ପୂର୍ବକ ଖସିଯାଇଛନ୍ତି। କିନ୍ତୁ ତାଙ୍କ ସେଲ୍ସମ୍ୟାନ୍ ବୌଦ୍ଧ ଜିଲା ବଢ଼ିଗାଁର ଚିକନ ସ୍ୱାଇଁ(୩୧)ଙ୍କଠାରୁ ୧୮.୯୧୦ ଲିଟର ବିଦେଶୀ ମଦ ଏବଂ ୯.୨୦୦ ଲିଟର ଆସ୍କା ଫର୍ଟି ଓ ୩,୨୪୪ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ମାମଲା (ନଂ.୩୪୨/୨୧) ରୁଜୁ କରି ଚିକନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ବନ ମହୋତ୍ସବ ସପ୍ତାହ ପାଳିତ

ବିଞ୍ଝାରପୁର,୧୦।୭(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅଧୀନ ଉଡଙ୍ଗରା ସରକାରୀ ଉଚ୍ଚ ବିଦ୍ୟାଳୟର ଜାତୀୟ ସବୁଜ ବାହିନୀ ଓ ଇକୋ କ୍ଲବ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ମୋ ସ୍କୁଲ ଅଭିଯାନର ସଦସ୍ୟଙ୍କ ସମେତ ସବୁଜ ସୁରକ୍ଷା କର୍ମୀମାନେ ଯୋଗଦେଇ ଚାରାରୋପଣ କରିଥିଲେ। ଜୁଲାଇ ପ୍ରଥମରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଇକୋକ୍ଲବ ତତ୍ତ୍ୱାବଧାରକ ସରୋଜ କୁମାର ଜେନା ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ପ୍ରଭାତ କୁମାର, ସହକାରୀ ଶିକ୍ଷକ ପ୍ରଦୀପ କୁମାର ମିଶ୍ର ଓ ଶିରିଷ ଚନ୍ଦ୍ର ସଏ ପ୍ରମୁଖ ସହଯୋଗ କରିଥିଲେ।

# ମୌସୁମୀର ବାର୍ତ୍ତାବାହକ ସାଜନ୍ତି ପକ୍ଷୀ

ମହାକାଳପଡ଼ା,୧୦।୭ (ଡି.ଏନ.ଏ.)

- ସରୀସୃପଙ୍କ ଭୟରେ ବସାରେ ଛୁଆଙ୍କୁ ମା' ଜଗିଛି
- ଚାଷୀଙ୍କ ବିଶ୍ୱାସ ପକ୍ଷୀ ଆସିଲେ ଭଲ ବର୍ଷା
- ଫସଲ ଉତ୍ପାଦନ ବଢ଼ିବ

ସାଧାରଣତଃ ଜୁନ୍ ପ୍ରଥମ ସପ୍ତାହରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଉପକୂଳରେ ପ୍ରବେଶ କରେ। ମୌସୁମୀ ଆଗମନ ପୂର୍ବରୁ ଆକାଶ ପଥରେ ଦୀର୍ଘ ପଥ ଅତିକ୍ରମ କରି ହଜାର ହଜାର ସଂଖ୍ୟାରେ ଧଳା ଗେଣ୍ଡାଳିଆ, ସାଇବେରିଆନ ସହ ବିଭିନ୍ନ ପ୍ରଜାତିର ପକ୍ଷୀ ଛୁଟି ଆସିଥାନ୍ତି କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଅଞ୍ଚଳକୁ। ଏଠାରେ ବିସ୍ତୀର୍ଣ୍ଣ ଲୁଣା, ହେନ୍ତାଳବଣରେ ବସା ବାନ୍ଧି ଆଶ୍ରୟ ନିଅନ୍ତି। ମୌସୁମୀ ସହ ଏହି ପକ୍ଷୀଙ୍କ ଆଗମନ ହୁଏ। ପକ୍ଷୀ ଆସିଲେ ଚାଷୀମାନେ ଖୁସିରେ ବିଲରେ ହଳ ଆରମ୍ଭ କରିଥାନ୍ତି। କହିବାକୁ ଗଲେ ମୌସୁମୀ ଆଗେ ଆଗେ ଏହି ପକ୍ଷୀମାନେ ଚାଷ ଅନୁକୂଳର ବାର୍ତ୍ତା ବହନ କରନ୍ତି। ବିଶ୍ୱାସ ରହିଛି ମୌସୁମୀ ସମୟର ଏହି ପକ୍ଷୀ ଆକାଶରେ ଉଡ଼ିଲେ ଉକ୍ତ ବର୍ଷ ଭଲ ବର୍ଷା ସାଙ୍ଗକୁ ଫସଲ ଉତ୍ପାଦନ ବୃଦ୍ଧି ହୋଇଥାଏ ବୋଲି ଚାଷୀ ହରେକୃଷ୍ଣ ଗୋଚ୍ଛାୟତ, ଲକ୍ଷ୍ମୀଧର ସ୍ୱାଇଁ, ନାଥ କୁମାର ଭୋଳ, ଅଭୟ ରାଉତ, ଅନିରୁଦ୍ଧ ସ୍ୱାଇଁ, ସଦାଶିବ ରାଉତ, ବାବାଜୀ ବେହେରା, କୁଞ୍ଜ ନାୟକ ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

ବ୍ଲକର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓ ତତ୍ ସଂଲଗ୍ନ ମହାନଦୀର ତ୍ରିକୋଣ ଭୂମି ଅଞ୍ଚଳଗୁଡ଼ିକରେ ଥିବା ଲୁଣା, ହେନ୍ତାଳ ଜଙ୍ଗଲରେ ଏମାନେ ସୁରକ୍ଷିତ ମନେ କରି ବସା ବାନ୍ଧିଥିବା ଦେଖିବାକୁ ମିଳେ। ଉପଯୁକ୍ତ ଜଳବାୟୁ, ଅନୁକୂଳ ପରିବେଶ ଯୋଗୁ ଏମାନେ ନିଜର ବଂଶ ବିସ୍ତାର ପାଇଁ ଏହି ଅଞ୍ଚଳକୁ ଆପଣେଇ ଥାନ୍ତି। ଏହି ପ୍ରଜାତି ପକ୍ଷୀ ମୁଖ୍ୟତଃ ଜଙ୍ଗଲ ସଂଲଗ୍ନ ନଦୀ, ନାଳ, ଖାଲରେ ମିଳୁଥିବା ପର୍ଯ୍ୟାପ୍ତ ପରିମାଣର ଚୂନା ମାଛ, ଗେଣ୍ଡା, ସିପ, ଶାମୁକା ଓ ଓରୁଅ ଆଦି ଗଛର



ଓରୁଅପାଳ ଲୁଣା ଜଙ୍ଗଲରେ ବସା ବାନ୍ଧିଛନ୍ତି ଧଳା ଗେଣ୍ଡାଳିଆ ପକ୍ଷୀ, ଅଣ୍ଡାକୁ ଜଗିଛି ମା' ପକ୍ଷୀ।

ପାଚିଲା ଫଳକୁ ଆହାର ରୂପେ ଗ୍ରହଣ କରିଥାନ୍ତି। ପରେ କାଠି କୁଟା, ନାଳିଆ ବା ସୁନା ଘାସ ସଂଗ୍ରହ କରି ବସା ବାନ୍ଧି ଥାଆନ୍ତି। ଦୀର୍ଘ ୭ ମାସ ରହିବା ପରେ ଏହି ଅଞ୍ଚଳରେ ଅଣ୍ଡାଦାନ କରି ଛୁଆ ଫୁଟାଇ ଥା'ନ୍ତି। ଛୁଆଙ୍କୁ ଖୋଲା ଆକାଶରେ ଉଡ଼ିବା ଶିଖାଇବା ସହ ମା' ପକ୍ଷୀ ସାଙ୍ଗରେ ଧରି ବିଭିନ୍ନ ନଦୀ, ନାଳରୁ ଖାଦ୍ୟ ସଂଗ୍ରହ କରିଥାନ୍ତି। ଏଭଳି ଭାବେ ଶାବକମାନେ ପର୍ଯ୍ୟାୟକ୍ରମେ ମା' ସହ ଯାଇ ବସା ଚିହ୍ନଟ କରିବା ପରେ ଆକାଶରେ ବିଚରଣ କରିଥାନ୍ତି। ଏହି ପକ୍ଷୀମାନେ ବସା ବାନ୍ଧିଥିବା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ମଧ୍ୟରେ ଓରୁଅପାଳ, କଣ୍ଟିଲୋ ସଂରକ୍ଷିତ ଜଙ୍ଗଲ, ଖରିନାସୀ ସଂରକ୍ଷିତ ଜଙ୍ଗଲ, ତୁବି ପିଆର୍‌ଏଫ୍, ମହାନଦୀ ତ୍ରିକୋଣ ଭୂମି ଅଞ୍ଚଳ ଆଦିରେ ଦେଖିବାକୁ ମିଳିଥାନ୍ତି। ଏଠାରେ ଥଣ୍ଡା ଜଳ ବାୟୁ, ପ୍ରଚୁର ପରିମାଣରେ ଖାଦ୍ୟ ସବୁଦିନ ମିଳୁଥିବାରୁ ପକ୍ଷୀ ଏହି ଜଙ୍ଗଲକୁ ସୁରକ୍ଷିତ ମଣିଥାନ୍ତି। ସବୁଠାରୁ ବଡ଼କଥା ଅଣ୍ଡା ଫୁଟିବାର ୩ ମାସ ପରେ ଶାବକମାନଙ୍କୁ ସାଙ୍ଗରେ ଧରି କେତେକ ମା' ପକ୍ଷୀ ସୁଦୂର ସାଇବେରିଆ ଅଞ୍ଚଳକୁ ଫେରୁଥିବା ବେଳେ ଆଉ କେତେକ ପକ୍ଷୀ ଏଠାରେ ରହି ଯାଇଥାନ୍ତି। ଏହି ଅଞ୍ଚଳର କେତେଜଣ ପକ୍ଷୀ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଏମାନଙ୍କ ଉପରେ ପଡ଼ିଥାଏ। ଶିକାରୀମାନେ ଲୁଚିଛପି ଜଙ୍ଗଲରେ ଜାଲ, ଫାଶ, ବିଷ ଖାଦ୍ୟରେ ଦେଇ ଶିକାର କରିଥାନ୍ତି। ତେବେ ପୁରୁଷ ପକ୍ଷୀ ଖାଦ୍ୟ ସନ୍ଧାନରେ ଯାଇଥିବାବେଳେ ମା' ପକ୍ଷୀ ବସାରେ ଶାବକଙ୍କୁ ପ୍ରଥମ ଅବସ୍ଥାରେ ସାପଙ୍କ ଆକ୍ରମଣ ଭୟରେ ଜଗି ରହିଥାଏ। ପୁରୁଷ ପକ୍ଷୀ ଖାଦ୍ୟ ସଂଗ୍ରହ କରି ଆଣି ମା' ଓ ଛୁଆଙ୍କୁ ଦେଇଥାଏ। ଏ ସମ୍ପର୍କରେ ପରିବେଶବିତ୍ ସମରେନ୍ଦ୍ର ମହାଳି କୁହନ୍ତି, ବିସ୍ତୀର୍ଣ୍ଣ ହେନ୍ତାଳବଣ ପକ୍ଷୀମାନଙ୍କ ପାଇଁ ଆଶ୍ରୟସ୍ଥଳ ପାଲଟିଛି। ଜଙ୍ଗଲଜାତ ଫଳ, ଗହୀର ପାଟିଆରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ମିଳୁଥିବାରୁ ଏ ସ୍ଥାନ ଛାଡି କେତେ ବିଦେଶୀ ପକ୍ଷୀ ପ୍ରତ୍ୟାବର୍ତ୍ତନ କରି ନ ଥାଆନ୍ତି। ଏହା ଆମ ଅଞ୍ଚଳ ପାଇଁ ଶୁଭ ଖବର। ଏହି ପକ୍ଷୀ ଥଣ୍ଡା ଜଳବାୟୁ ଜଙ୍ଗଲ ପରିବେଶରେ ନିରାପଦ ଭାବେ ବନି, ଓରୁଅ, ରାଇ ଗଛରେ ବସା ତିଆରି କରିବାକୁ ପସନ୍ଦ କରନ୍ତି। ଏହି ପ୍ରକ୍ରିୟା ୪ରୁ ୫ ବର୍ଷ ହେବ ଏହି ଜଙ୍ଗଲରେ ଦେଖିବାକୁ ମିଳୁଛି। ଏହାର ସୁରକ୍ଷା ପାଇଁ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ସଚେତନ କରାଯାଉଛି।

## ସଂକ୍ଷେପରେ

### କାମଧନ୍ଦା ନ ପାଇ ବିଷପାନ କଲେ ଶ୍ରମିକ

**ବ୍ରହ୍ମପୁର ଅଫିସ,୧୦।୭:** କରୋନା ପ୍ରଥମ ଓ ଦ୍ୱିତୀୟ ଲହରରେ ଜିଲାରେ ଅନେକ ଲୋକଙ୍କ ଜୀବନ ଯାଇଛି। ଏପରିକି ବହୁ ଲୋକ ନିଜ ନିଜର ଜୀବିକା ହରାଇ ହତାଶ ହୋଇ ବସିଛନ୍ତି। ପରିବାର ଭରଣପୋଷଣ ଏବେ ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ଜିଲାର ଜଣେ ଶ୍ରମିକ ଦୀର୍ଘଦିନ ଧରି କାମଧନ୍ଦା ନ ପାଇ ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ଏମ୍‌କେସିଜି ମେଡିକାଲରେ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବସନ୍ତ ପ୍ରଧାନ (୪୦)। ଘର ବୁଗୁଡା ଥାନା ଅନ୍ତର୍ଗତ ଶଙ୍କରୁ ବୋଲି ପୋଲିସ କହିଛି। ନଂ. ୩୩୦/୨୧ ରେ ଏକ ଅପମୃତ୍ୟୁ ମାମଲା ପୋଲିସ ରୁଜୁ କରିଛି । ପରିବାର ଚଳାଇବା ବସନ୍ତଙ୍କ ପାଇଁ କଷ୍ଟକର ଥିଲା। ଏଣୁ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ଶାଗୁଆନ ଗଣ୍ଡି ଜବତ, ୨ ଗିରଫ

**ଆର.ଉଦୟଗିରି,୧୦।୭(ଡି.ଏନ.ଏ.):** ଗଜପତି ଜିଲା ବନ ବିଭାଗ ମୋବାଇଲ ସ୍କ୍ୱାଡ୍ ଏବଂ ମୋହନା ବନ ବିଭାଗର ମିଳିତ ପାଟ୍ରୋଲିଂ ବେଳେ ଅଡବା ଥାନା ଡମ୍ବଗୁଡା ଗ୍ରାମ ବିଶ୍ରାମାଗାର ନିକଟରୁ ଏକ ମିନି ଟ୍ରକ ସହ ୩୬ ଶାଗୁଆନ କାଠ ଗଣ୍ଡି ଜବତ କରିଛି। ଏହା ସହ ଏକ ବାଇକ୍ ମଧ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୨ କାଠ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖଜୁରିପଦାର ତିମି ଗମାଙ୍ଗ ଏବଂ କନ୍ଧମାଳ ଜିଲା ଗୁଡିକିଆ ଗ୍ରାମର ସୁବଳ ରଣସିଂ। ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ସଂଗ୍ରାମ କେଶରୀ ବେହେରା ସୂଚନା ଦେଇଛନ୍ତି।

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

**ଫୁଲବାଣୀ ଅଫିସ, ୧୦।୭:** ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ଫୁଲବାଣୀ ଟାଉନ ଥାନା ପୋଲିସ ଶନିବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଫିରିଙ୍ଗିଆ ଥାନା ନୂଆପଦରର ବିନୋଦ କୁମାର ସାହୁ। ୨୦୨୦ ଅଗଷ୍ଟରୁ ବିନୋଦଙ୍କର ଖଜୁରିପଡ଼ାର ଜଣେ ୨୧ ବର୍ଷୀୟ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀ ଜଣକ ଫୁଲବାଣୀରେ ରହୁଥିଲେ। ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବିନୋଦ ନିଜ ଘରକୁ ନେଇ ୨୩ ଦିନ ରଖିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ୨୦୨୦ ସେପ୍ଟେମ୍ବର ୨୩ରେ ଯୁବତୀଙ୍କୁ ଗାଳି ଗୁଲଜ କରି ତାଙ୍କ ମାମୁଁ ଘରେ ଛାଡ଼ି ଦେଇଥିଲେ। ଏହି ସମୟରେ ଯୁବତୀ ଗର୍ଭବତୀ ହୋଇଥିଲେ। ବିନୋଦ ଔଷଧ ଦେଇ ଗର୍ଭନଷ୍ଟ କରାଇଥିଲେ। ହେଲେ ବାହା ହେବାକୁ ମନା କରିଦେଇଥିଲେ। ଗତ ୮ ତାରିଖରେ ବିନୋଦ ଫୋନ ଯୋଗେ ଯୁବତୀଙ୍କୁ ଡାକି ପୁଣି ସ୍ଥାନୀୟ ଏକ ହୋଟେଲରେ ରହିଥିଲେ। ଏହା ଜାଣି ଯୁବତୀଙ୍କ ମା' ପୋଲିସକୁ ଜଣାଇଥିଲେ। ପୋଲିସ ହୋଟେଲକୁ ଯାଇ ସେମାନଙ୍କୁ ଉଦ୍ଧାର କରିଥିଲା। ଯୁବତୀଙ୍କ ଏତଲା କ୍ରମେ ପୋଲିସ ନଂ. ୧୦୨/୨୧ରେ ମାମଲା ରୁଜୁ କରିଛି।

# ପଣ୍ଡା କଲୋନୀ ରାସ୍ତା, ଡ୍ରେନ୍ ଶୋଚନୀୟ

**ବ୍ରହ୍ମପୁର ଅଫିସ,୧୦।୭**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ବିଭିନ୍ନ ୱାର୍ଡ ରାସ୍ତା ଓ ଡ୍ରେନ୍ ମରାମତି ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ କେତେକ ୱାର୍ଡରେ ରାସ୍ତା ଓ ଡ୍ରେନ୍‌ରେ ସୁଧାର ମଧ ଆସିଛି। କିନ୍ତୁ ସହରରେ ଏଭଳି କିଛି ୱାର୍ଡ ରହିଛି ଯେଉଁଠାରେ ଦୀର୍ଘ ଦିନ ଧରି ଅଞ୍ଚଳ ବାସିନ୍ଦା ରାସ୍ତା ଓ ଡ୍ରେନେଜ୍ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି। ଏଭଳି ହେଉଛି ୩୯ ନଂ. ୱାର୍ଡ। ଏହି ୱାର୍ଡର ପଣ୍ଡା କଲୋନୀ ରାସ୍ତା ଓ ଡ୍ରେନେଜ୍ ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତାର ମରାମତି ନେଇ ବିଏମ୍‌ସି ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲେ ସୁଦ୍ଧା ଏଯାବତ୍ ମରାମତି ନିମନ୍ତେ କୌଣସି କାର୍ଯ୍ୟ ହୋଇ ନ ଥିବା କଲୋନୀ ବାସିନ୍ଦା ଅଭିଯୋଗ କରିଛନ୍ତି। ଫଳରେ ଏହି ରାସ୍ତାରେ ବର୍ତ୍ତମାନ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମି ରହିଥିବା ଦେଖିବାକୁ ମିଳିଛି। କେବଳ ବର୍ଷା ଦିନ ନୁହେଁ ଅନ୍ୟ ଦିନରେ ମଧ ପାଣି ଜମି ରହୁଥିବା ଅଞ୍ଚଳ ବାସିନ୍ଦା କହିଛନ୍ତି। ଫଳରେ ଯାନବାହନ ଯାତାୟାତରେ ଲୋକେ ଛୋଟ ବଡ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ଧରି ରାସ୍ତା ମରାମତି ନ ହେବାରୁ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହି ଦୁଇ ପାର୍ଶ୍ୱରେ ଥିବା ଲୋକଙ୍କ


ମରାମତି ହୋଇ ନ ଥିବା ରାସ୍ତା ଏବଂ ସଂକୀର୍ଣ୍ଣ ଡ୍ରେନ୍।

ଘରେ ପାଣି ପଶୁଛି। ଫଳରେ ଅନେକ ସମୟରେ ଘରୁ ପଦାକୁ ବାହାରିବା ସମ୍ଭବ ହେଉ ନ ଥିବା ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ଉକ୍ତ ସମସ୍ୟାକୁ ନେଇ ଏହି ୱାର୍ଡର ପୂର୍ବତନ କର୍ପୋରେଟରଙ୍କ ପକ୍ଷରୁ ବିଏମ୍‌ସିକୁ ବାରମ୍ବାର ଅଭିଯୋଗ କରାଯାଇଛି। ଫଳରେ ବିଳମ୍ବରେ ହେଲେ ବି ଚଳିତ ବର୍ଷ କଲୋନୀ ରାସ୍ତା ମରାମତି ନେଇ ବିଏମ୍‌ସି ପକ୍ଷରୁ ୧୪ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଛି। କିନ୍ତୁ ଦୀର୍ଘ ୨ ମାସ ବିତିଯାଇଥିଲେ ସୁଦ୍ଧା ଏବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଏପରିକି

### ଟେଣ୍ଡର ପରେ ବି କାର୍ଯ୍ୟ ନୋହିଲା

କାର୍ଯ୍ୟ ନେଇଥିବା ଠିକାଦାର ମଧ ରାସ୍ତା ମରାମତି କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଞ୍ଚଳ ଅଭିଯୋଗ ହୋଇଛି। ଏ ନେଇ ବିଏମ୍‌ସି କନିଷ୍ଠଯନ୍ତ୍ରୀ ଜି.ପି. ରାଓଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତା ମରାମତି ନେଇ ବିଏମ୍‌ସି ଓ ଠିକାଦାରଙ୍କ ମଧ୍ୟରେ ଚୁକ୍ତିନାମା ସରିଛି। ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

ଅନ୍ୟପଟେ କଲୋନୀର ମୁଖ୍ୟ ରାସ୍ତାରେ ଅଚଳ ହୋଇ ପଡ଼ିଥିବା ଏକ ନଳକୂପ ମରାମତି କ୍ଷେତ୍ରରେ ଜନ ସ୍ୱାସ୍ଥ୍ୟ ବିଭାଗ କୌଣସି ଆନ୍ତରିକତା ଦେଖାଉ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଡ୍ରେନ୍ ସଂକୀର୍ଣ୍ଣ ରହିଥିବାରୁ ନର୍ଦ୍ଦମା ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏଣୁ କଲୋନୀ ରାସ୍ତାର ମରାମତି ସାଙ୍ଗକୁ ଡ୍ରେନ୍ ସମ୍ପ୍ରସାରଣ କରିବା ପାଇଁ କଲୋନୀ ବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇଛି।

# ଫଳକରେ ସୀମିତ ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର

**ନୟାଗଡ଼ ଅଫିସ,୧୦।୭**

ନୟାଗଡ଼ ଜିଲା ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୫ରେ ଶିଳାନ୍ୟାସ କରିଥିଲେ । ଇତିମଧ୍ୟରେ ୬ ବର୍ଷ ବିତି ଯାଇଥିଲେ ମଧ କେବଳ ଫଳକରେ ତାହା ଅଟକି ରହିଛି । ପୂର୍ଣ୍ଣଚନ୍ଦ୍ର ନାୟକ ବିଧାୟକ ଥିବାବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସ୍ଥାନ ଚିହ୍ନଟ ହୋଇଥିଲା । ଏହା ପରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଫାଇଲ ଶୀତଳ ଭଣ୍ଡାରରେ ପଡି ରହିଛି । ଦଶପଲ୍ଲା ପରି ଆଦିବାସୀ ଓ ଦଳିତ ପରିବାର ବହୁଳ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ଏପରି ସ୍ଥଳେ ସେମାନଙ୍କୁ


ଶିଳାନ୍ୟାସ ଫଳକ।

ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ନାଁରେ ପ୍ରତାରଣା କରାଯାଉଥିବା ଅଭିଯୋଗ ଉଠିଛି । ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ୩ କୋଟି ୫୬ ଲକ୍ଷ ୭୫ ହଜାର କ୍ଷତିପୂରଣ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୧୦।୭**

ରାଜ୍ୟ ଆଇନ ସେବା ପ୍ରାଧିକରଣ ସଂଯୋଜନାରେ ବ୍ରହ୍ମପୁର ସମେତ ଅନ୍ୟ ସମସ୍ତ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୧ ମୋଟରଯାନ ଦୁର୍ଘଟଣାଜନିତ ମାମଲାର ବିଚାର କରାଯାଇ ୩ କୋଟି ୫୬ ଲକ୍ଷ ୭୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜାମ ଜିଲା ଦୌରାଜଜ୍ ଶଶୀକାନ୍ତ ମିଶ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତରେ ମୋଟ ୫ ବେଞ୍ଚରେ ମାମଲାର ଫଇସଲା କରାଯାଇଥିଲା। ପରିବାର ଅଦାଲତରେ ୧୮ ମାମଲାର ଶୁଣାଣି କରାଯାଇଥିବା ବେଳେ ଆପୋଷ ବୁଝାମଣାରେ ମାମଲା ସମାଧାନ ହୋଇଥିଲା। ସେହିପରି ୧୭୯ ଫୌଜଦାରୀ ମକଦ୍ଦମାର ଶୁଣାଣି କରାଯାଇଥିଲା। ୧୭ ଚେକ୍ ବାଉନ୍ସ ମାମଲାରେ ୧୯ ଲକ୍ଷ ୯୩ ହଜାର ୧୩୫ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ରହିଛି। ସେହିପରି ୨୫ ଅନ୍ୟାନ୍ୟ ଫୌଜଦାରୀ ମାମଲାରେ ଆପୋଷ ବୁଝାମଣା କରାଯାଇଥିଲା। ଏଥିରେ ଦ୍ୱିତୀୟ ଏମ୍‌ଏସିଟି ଜଜ୍ ସୌଭାଗିନୀ ମଲ୍ଲିକ, ପରିବାର କୋର୍ଟ ଜଜ୍ ପ୍ରଜ୍ଞା ପାଣିଗ୍ରାହୀ, ଏଡିଜେ-୧ ଡ. ପ୍ରସନ୍ନ କୁମାର ପଣ୍ଡା, ଏଡିଜେ-୨ ସଂଘମିତ୍ରା ଶର୍ମା, ଏଡିଜେ-୩ ରାଜଶ୍ରୀ ମହାପାତ୍ର ପ୍ରମୁଖ ମାମଲା ବିଚାର କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ସଚିବ ଅଲ୍ପନା ସ୍ୱାଇଁ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ପରିଚାଳନା କରିଥିଲେ।


ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲାର ବିଚାର ଚାଲିଛି ।

# ଭାରତ ବିକାଶ ପରିଷଦର ପ୍ରତିଷ୍ଠା ଦିବସ


ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ନୟାଗଡ଼ ଅଫିସ,୧୦।୭**

ଭାରତ ବିକାଶ ପରିଷଦର ନୟାଗଡ଼ ଶାଖା ଶ୍ରୀ କମଳା ଦେବୀ ନ୍ୟାସ ଗୃହରେ ପରିଷଦର ୫୮ତମ ପ୍ରତିଷ୍ଠା ଦିବସ ସହିତ ଶାଖାର ତ୍ରୟୋଦଶତମ ସ୍ଥାପନା ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶାଖା ଅଧ୍ୟକ୍ଷ ପ୍ରାଧ୍ୟାପକ ହରେକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶାଖା ସଚିବ ଅନାଦି ଚରଣ ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ । ଶାଖାର ପ୍ରାଣ ପ୍ରତିଷ୍ଠାତା ପ୍ରଫେସର ହରପ୍ରସାଦ ମହାପାତ୍ର ଓ କ୍ଷେତ୍ରୀୟ ସଚିବ ଶ୍ରୀଧର ସାହୁ ପରିଷଦର ପ୍ରତିଷ୍ଠା ଦିବସ ଓ ଶାଖାର ସ୍ଥାପନା ଦିବସ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ୬ ଜଣ ନୂତନ ସଦସ୍ୟଙ୍କୁ ଶାଖାର ପ୍ରତିଷ୍ଠାତା ମହାପାତ୍ର ଶପଥ ପାଠ କରାଇଥିଲେ। ଶାଖା ଦ୍ୱାରା କରାଯାଇଥିବା ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ବିଷୟରେ କ୍ଷେତ୍ରୀୟ ସଚିବ ଆଲୋଚନା କରିଥିଲେ। ପୂର୍ବତନ ସଚିବ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାରା ରୋପଣ କରି ସଚେତନତା ସୃଷ୍ଟି କଲେ ଗ୍ରାମବାସୀ

**ଖଣ୍ଡପଡ଼ା,୧୦।୭ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ବଡବାଣପୁର ପଞ୍ଚାୟତ ଚୈତନ୍ୟପୁର ଗ୍ରାମବାସୀ ରାସ୍ତାପାର୍ଶ୍ୱ ତଥା ପୋଖରୀ ହୁଡା ଓ ଗ୍ରାମ୍ୟ ଜଙ୍ଗଲରେ ଶନିବାର ବିଭିନ୍ନ କିସମର ଚାରା ରୋପଣ କରି ସଚେତନତା ସୃଷ୍ଟି କରିଛନ୍ତି । ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମବାସୀଙ୍କ ଏପରି ଉଦ୍ୟମକୁ ପ୍ରଶଂସା କରିଥିଲେ । ଡ. ମିଶ୍ର ବି ବିଭିନ୍ନ କିସମର ଫଳ, ଛାୟା ପ୍ରଦାନକାରୀ ଚାରା ଏବଂ ଔଷଧୀୟ ବୃକ୍ଷ ରୋପଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗ୍ରାମବାସୀଙ୍କ


ଗ୍ରାମବାସୀ ଚାରା ରୋପଣ କରୁଛନ୍ତି।

ପକ୍ଷରୁ ୨ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରମଣି ନାୟକ, ସନ୍ତୋଷ ନାୟକ, ପ୍ରମୋଦ ନାୟକ, ତ୍ରିନାଥ ନାୟକ, ମଦନ ପ୍ରଧାନ, ବଳଭଦ୍ର ପ୍ରଧାନ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ହୋଇଥିଲେ । ସବୁଜ ବଳୟ ସୃଷ୍ଟି ନିମନ୍ତେ ସେମାନେ ପ୍ରୟାସ ଆରମ୍ଭ କରିଥିବା କହିଛନ୍ତି ।

# ଗର୍ଭବତୀ ସ୍ତ୍ରୀଙ୍କୁ ଏସିଡ୍ ମାଡ଼

**ଛତ୍ରପୁର, ୧୦।୭ (ଡି.ଏନ.ଏ.)**

ଗଞ୍ଜାମ ଜିଲା ବଡଗଡ ଥାନା ଅନ୍ତର୍ଗତ ବଡଗଡ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାଟପୁର ଥାନା ଅନ୍ତର୍ଗତ ପୋଡାମାରୀ ଗ୍ରାମର ଦିଲେଶ୍ୱର ନାୟକ ବଡଗଡ ଗ୍ରାମର ଛବିତା ନାୟକଙ୍କୁ ମାର୍ଚ୍ଚ ୧ ତାରିଖରେ ବିବାହ କରିଥିଲେ। ଏହାରି ଭିତରେ ବିତିଗଲାଣି ୭ ମାସ। ଛବିତା ଗର୍ଭବତୀ ଥିଲେ। ବାପ ଘର ଗାଁ ବଡଗଡକୁ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କ ଅନୁମତିରେ ଯାଇଥିଲେ। କିନ୍ତୁ କିଛି ଦିନ ପରେ ସ୍ୱାମୀ ତାଙ୍କୁ ଫେରିବାକୁ ବାଧ କଲେ। ଏନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିଶୃଙ୍ଖଳା ସହ ସ୍ତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାରପିଟ କଲେ। ଶେଷରେ ଏସିଡ୍ ଫିଙ୍ଗି ଦେବାକୁ ଧମକ ମଧ ଦେଲେ ବୋଲି ଛବିତା କହିଛନ୍ତି। ହଠାତ୍ ଏପ୍ରିଲ ୬ ତାରିଖ ଦିନ ନଦୀରୁ ଗାଧୋଇ ଫେରୁଥିବା ବେଳେ ରାସ୍ତାରେ ଅଟକାଇ ଛବିତାଙ୍କୁ ଏସିଡ ଫିଙ୍ଗି ଦେଇଥିଲେ। ଏଥିରୁ ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ସେହି ଦିନ ସ୍ଥାନୀୟ ବଡଗଡ ଥାନାରେ ସ୍ୱାମୀଙ୍କ ବିରୋଧରେ ଏତଲା ଦେଇଥିଲେ ଛବିତା। ବଡଗଡ ଥାନାରେ ନଂ.୮୬/୨୧ ରେ ଏକ ମାମଲା ରୁଜୁ ହୋଇଛି। କିନ୍ତୁ ଏହାରି ଭିତରେ ବିତିଗଲାଣି ୩ ମାସ। ପୋଲିସ ଦୋଷୀଙ୍କୁ ଧରିବାରେ ବିଫଳ ହୋଇଛି। ବର୍ତ୍ତମାନ ଛବିତାଙ୍କର ଏକ ମାସର ଏକ ଶିଶୁ କନ୍ୟା ରହିଛି । ଗରିବ ବାପାଙ୍କ ଉପରେ ଏବେ ସେ ବୋଝ ସାଜିଛନ୍ତି। ଝିଅ ଓ ତାଙ୍କ ପ୍ରତି ବିପଦ ଥିବା କହିଛନ୍ତି। ଏ ସଂକ୍ରାନ୍ତରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ ସହ ଏହାର ଅବିକଳ ନକଲ ଜିଲାପାଳଙ୍କୁ ଶନିବାର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ସ୍ୱାମୀଙ୍କୁ ଗିରଫ କରି ମା ଝିଅଙ୍କୁ ଥଇଥାନ ସହ ଭରଣ ପୋଷଣ ପାଇଁ ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି।

# ଡାକ୍ତରଙ୍କୁ ମାଡ଼, ୩ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା), ୧୦।୭ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଅପରାହ୍ଣରେ ଏକ ଅଭାବନୀୟ ଘଟଣା ଘଟିଛି। ରୋଗୀଙ୍କ ସମ୍ପର୍କୀୟମାନେ ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ମାଡ଼ ମାରିବା ଅଭିଯୋଗରେ ଟାଙ୍ଗୀ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଶାସ୍ତ୍ରୀନଗର ଅଞ୍ଚଳର ରମେଶ ପ୍ରଧାନ, ନବକିଶୋର ପ୍ରଧାନ ଓ ସ୍ୱସ୍ତିକ ପ୍ରଧାନ। ଏମାନେ ଗୋଟିଏ ପରିବାରର ସଦସ୍ୟ ବୋଲି ଜଣାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି। ଅନ୍ୟପଟେ ସୁରକ୍ଷା ଦାବିରେ ଥିବା ସ୍ୱାସ୍ଥ୍ୟ କର୍ମଚାରୀମାନେ ଡାକ୍ତରଖାନା ଆଗରେ ଧାରଣା ଦେଇଥିଲେ। ସୂଚନା ମୁତାବକ, ଚାନ୍ଦପୁର ଥାନା ଶାସ୍ତ୍ରୀନଗର ଅଞ୍ଚଳର ଜଣେ ମହିଳା ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଏହି ସମୟରେ ଡା. ଶୁଭାଶିଷ ଷଡ଼ଙ୍ଗୀ ଜଣେ ଗୁରୁତର ଶିଶୁଙ୍କ ଚିକିତ୍ସା କରୁଥିଲେ। ତେବେ ମହିଳା ରୋଗୀଙ୍କ ଚିକିତ୍ସାରେ ବିଳମ୍ବ ଯୋଗୁ ସମ୍ପର୍କୀୟମାନେ ଡା. ଷଡ଼ଙ୍ଗୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ସେଠାରେ ଉପସ୍ଥିତ ସୁରକ୍ଷା କର୍ମଚାରୀ ଡାକ୍ତରଙ୍କୁ ରକ୍ଷା କରିବାକୁ ଯାଇ ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି। ଅନ୍ୟପଟେ ସୁରକ୍ଷା ଦାବିରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ଡାକ୍ତରଖାନା ଆଗରେ ଧାରଣା ଦେଇଥିଲେ। ଖବରପାଇ ଆଇଆଇସି ମଲ୍ଲିକ, ଟାଙ୍ଗୀ ବ୍ଲକ ଚେୟାରମ୍ୟାନ ବିଜୟ କୁମାର ଜେନା, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଦିଲୀପ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ବୁଝାଶୁଝା କରିବା ସହ ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି ଫୋନ ଯୋଗେ ଆଲୋଚନା କରିବା ପରେ ଧାରଣା ସ୍ଥଗିତ ରହିଥିଲା। ରବିବାର ଏନେଇ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମେଡିକାଲ ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। କରୋନା ସମୟରେ ଡାକ୍ତରମାନେ ଦିନରାତି ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେଉଥିବା ବେଳେ ଡାକ୍ତରଙ୍କୁ ମାଡ଼ ମାରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

# ଜିଲାପାଳଙ୍କ ଗଙ୍ଗାବାଡ଼, ମହେନ୍ଦ୍ରଗିରି ଗସ୍ତ

**ରାୟଗଡ଼(ଗଜପତି),୧୦।୭ (ଡି.ଏନ୍.ଏ.)**

ଗଜପତ ଜିଲାର ନୂତନ ଜିଲାପାଳ ଲିଙ୍ଗରାଜ ପଣ୍ଡା ରାୟଗଡ଼ ବ୍ଲକର ଆନ୍ଧ୍ର ଓ ଓଡ଼ିଶା ସୀମା ବିବାଦୀୟ ଅଞ୍ଚଳ ଭାବେ ପରିଚିତ ଗଙ୍ଗାବାଡ଼ ପଞ୍ଚାୟତ ଏବଂ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ପରିଦର୍ଶନ କରିଛନ୍ତି। ପ୍ରଥମେ ସେ ଗଙ୍ଗାବାଡ଼ର ଗୁଡିଖୁଡୀ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଓଡିଶା ମାଟିରେ ଆନ୍ଧ୍ର ସରକାର ନିର୍ମାଣ କରିଥିବା ପୋଖରୀ ନିକଟକୁ ଯାଇ ଏଥିରେ ଗଙ୍ଗାବାଡ଼ ପଞ୍ଚାୟତ ଜରିଆରେ ମାଛ ଚାଷ କରିବା ପାଇଁ ପିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ଜମିକୁ ଆନ୍ଧ୍ର ଲୋକେ ଜବରଦଖଲ କରିଥିବା ଦେଖି ଶୀଘ୍ର ଏହାକୁ ଉଚ୍ଛେଦ କରି ଗୁଡିଖୁଡୀ ଓ ଗଙ୍ଗାବାଡ଼ ପଞ୍ଚାୟତ ଅଧିବାସୀଙ୍କୁ ଜମି ପଟ୍ଟା ଯୋଗାଇବା ନେଇ ଜିଲାପାଳଙ୍କ ଦୃଷ୍ଟିଗୋଚର କରିଥିଲେ। ଏହାର ସମାଧାନ କରିବା ପାଇଁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଗୁଡିଖୁଡୀଠାରୁ ନୂଆ ବାରଘର (କୁଣ୍ଡମରା)କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରାସ୍ତା ନିର୍ମାଣ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବାରଘର, ଚମ୍ପାପୁର, ଗଙ୍ଗାବାଡ଼ ପଞ୍ଚାୟତ କାର୍ଯ୍ୟାଳୟ ଗସ୍ତ କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ପିଡି ଡିଆରଡିଏ ଅନାମ ଚରଣ ପାତ୍ର, ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ସିଡିପିଓ ତେରେସ୍କଭା ମଲ୍ଲିକ, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଶାନ୍ତ ସାମଲ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦ୍ୱିତୀୟ ଜାତୀୟ ଲୋକ ଅଦାଲତ

**ଭଞ୍ଜନଗର/ପାରଳାଖେମୁଣ୍ଡି/ଆସିକା, ୧୦।୭(ଡି.ଏନ.ଏ.)**

ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଶନିବାର ଭଞ୍ଜନଗର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୨ ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇ ହିତାଧିକାରୀଙ୍କୁ ବୀମା ବାବଦକୁ ୧ କୋଟି ୫ ଲକ୍ଷ ୮୬ ହଜାର ଟଙ୍କା କ୍ଷତିପୂରଣ ବାବଦକୁ ଦେବାପାଇଁ ଏଡିଜେ ଡ.ଅରୁଣ କୁମାର ସାହୁ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ସବ୍‌ଜଜ୍ ସିନିୟର ଡିଭିଜନ ବେଦ ପ୍ରକାଶ ବ୍ୟାଙ୍କ ମାମଲା ୪ଟି ଫଇସଲା କରି ୬ଲକ୍ଷ ୬୮୭ ଟଙ୍କା ବ୍ୟାଙ୍କରେ ବାନ୍ଧିବାକୁ ହିତାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏସଡିଜେଏମ୍ ଶିବାନୀ ମିଶ୍ର ୩୮ ମାମଲା ଫଇସଲା କରି ୬୮ ହଜାର ୩୭୪ ଟଙ୍କା ଜରିମାନା ବାବଦକୁ ଦେବାପାଇଁ ବିଭିନ୍ନ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜେଏମ୍‌ଏଫ୍‌ସି ପ୍ରଜ୍ଞା ରାଉତ ୨ଟି ଫୌଜଦାରି ମାମଲା ଫଇସଲା କରିଛନ୍ତି । ସେହିପରି ଗଜପତି ଜିଲା ସଦର ମହକୁମାର ନୂତନ ଜିଲା କୋର୍ଟ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣଙ୍କ ଦ୍ୱାରା ଆୟୋଜିତ ଲୋକ ଅଦାଲତରେ ଜିଲା ଓ ଦୌରାଜଜ୍ ସତ୍ୟପୀର ମିଶ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାଧିକରଣ ସଚିବ ବ୍ୟମକେଶ ନାୟକଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲାଜଜ୍ ହେମନ୍ତ କୁମାର ସେଠୀ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ମାନସ ପଣ୍ଡା, ବରିଷ୍ଠ ଦେୱାନୀ ବିଚାରପତି ଚନ୍ଦ୍ରହାସ ବେହେରା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ଅର୍ଜିତ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ

### ବିଭିନ୍ନ ମାମଲାର ଫଇସଲା


ପାରଳାଖେମୁଣ୍ଡି ଲୋକ ଅଦାଲତରେ ଅଭିଯୋଗ ଶୁଣାଣି ଚାଲିଛି ।

ଅଧିକାରିଣୀ ସୁଶ୍ରୀ ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ କୋର୍ଟ ପରିଚାଳନା କରିଥିଲେ। କାଶୀନଗର ଗ୍ରାମ୍ୟ ନ୍ୟାୟାଳୟ ଅଧିକାରିଣୀ ସୁଶ୍ରୀ ରେଶମାଧଳ ବିଶୋଇ, ମୋହନା ଜେଏମ୍‌ଏଫ୍‌ଏଲ୍ ଅନନ୍ୟା ଦାସ, ଉଦୟଗିରି ସବ୍‌ଜଜ୍ ପରେଶ ଦାସ ପ୍ରମୁଖ ମଧ ନିଜ କୋର୍ଟରେ ଲୋକ ଅଦାଲତ ଆୟୋଜିତ କରିଥିଲେ। ଲୋକ ଅଦାଲତରେ ଜିଲାର ସମୁଦାୟ ୪୬୮ କେସ୍‌ରୁ ୫୭ କେସ୍ ସମାଧାନ କରାଯାଇଛି।

ସେହିପରି ଆସିକା ତାଲୁକା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ଲୋକ ଅଦାଲତରେ ୧୧ ମାମଲାର ଫଇସଲା କରାଯାଇ ୧୮ଲକ୍ଷ ୮୨ହଜାର ୪୦୩ ଟଙ୍କା ଆଦାୟ କରାଯାଇଛି। ପ୍ରାଧିକରଣର ଅଧକ୍ଷା ତଥା ଅତିରିକ୍ତ ଜିଲା ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧକ୍ଷତାରେ ବରିଷ୍ଠ ଦେୱାନୀ ବିଚାରପତି ସୁଜାତା ପ୍ରିୟମ୍ବଦା ସ୍ୱାଇଁ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶର୍ମିଷ୍ଠା ଜେନା ଓ ଶ୍ରୀୟା ରତୁପର୍ଣ୍ଣା ସାହୁ ମାମଲାର ବିଚାର କରିଥିଲେ ।